# ଆଜି ଧନଦାତ୍ରୀଙ୍କ ଧରାବତରଣ

ଢେଙ୍କାନାଳ ଅଫିସ, ୮।୧୦

## ଢେଙ୍କାନାଳର ୩୮ ମଣ୍ଡପରେ ପ୍ରସ୍ତୁତି ଶେଷ

ମଣ୍ଡପରେ ସରିଛି ସାଜସଜ୍ଜା । ଶେଷସ୍ପର୍ଶ ପରେ ଦାଉଦାଉ ହୋଇ ଝଟକୁଛନ୍ତି ମା' ପଦ୍ମାଳୟାଙ୍କ ମୃଣ୍ମୟୀ ପ୍ରତିମା । ପାରମ୍ପରିକ ନୀତି ଅନୁଯାୟୀ ଜୀବନ୍ୟାସ ପରେ ଧରାବତରଣ କରିବେ ଧନଦାତ୍ରୀ । ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା କୁ ଆଉ ମାତ୍ର କେଇଘଣ୍ଟା ବାକିଥିବାବେଳେ ସେହି ମହାର୍ଘ୍ୟ ବେଳାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଆବାଳ ବୃଦ୍ଧ ବନିତା । ମା'ଙ୍କ ଆବାହନ ପାଇଁ ୩୮ ମଣ୍ଡପରେ ପ୍ରସ୍ତୁତି ଶେଷ ହୋଇଥିବାବେଳେ ଉତ୍ସବମୁଖର ହୋଇଉଠିଛି ପରିବେଶ ।

କୁମାର ପୂର୍ଣ୍ଣିମା ଅବସରରେ ରବିବାର ସନ୍ଧ୍ୟାରୁ ଆରମ୍ଭ ହେବ ୧୧ ଦିନାତ୍ମକ ପ୍ରସିଦ୍ଧ ଲକ୍ଷ୍ମୀପୂଜା । ୧୯ ତାରିଖରେ ସିନ୍ଧୁସୂତାଙ୍କୁ ମେଲାଣି ଦେବେ ସହରବାସୀ । ମା'ଙ୍କ ଏହି ପୂଜା ପାଇଁ ସହର ନବବଧୂ ଭଳି ସଜେଇ ହୋଇଛି । ଆଖି ଝଲସାଇ ଦେଉଥିବା ରଙ୍ଗିନ ଆଲୋକମାଳା, ସୁଉଚ୍ଚ ତୋରଣ, ଚିତ୍ତାକର୍ଷକ ସାଜସଜ୍ଜା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଚଳିତବର୍ଷ ମିନାବଜାର, ଜବାହରଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, କାରିଗର ସାହି, ବାଜିଚୌକ, ଗୋଲ୍‌ଡେନ୍ ଷ୍ଟ୍ରିଟ୍ ଗୁଡ଼ିଆନାଳୀ, ରାଧାକ୍ରିଷ୍ଣ ବଜାର, ପଦ୍ମ ବଜାର, ଜୁବିଲି ଟାଉନ-୧, କ୍ରିଷ୍ଣା ବଜାର, କୈବଲ୍ୟ ବଜାର, ଦେଉଳସାହି, ମା' ଅନ୍ନପୂର୍ଣ୍ଣା ଆସ୍ଥାନ ସିମିଳିଆ, ଷ୍ଟେଶନ ବଜାର, କଲେଜ ବଜାର, ଗାନ୍ଧୀ ବଜାର, ଚନ୍ଦନ ବଜାର, ବସଷ୍ଟାଣ୍ଡ, ଦୁର୍ଗାବଜାର, କାଳିକାନଗର, ରାମେଶ୍ୱରପୁର, ନେହେରୁ ବଜାର, ଜୁବିଲି ଟାଉନ-୩, ସ୍ୱପ୍ନେଶ୍ୱର ବଜାର କୋରିଆଁ, ଭଗବାନପୁର, ଗୋପବନ୍ଧୁ ବଜାର, ରତନ ବଜାର, ଖମାର ସାହି, ହାଟରୋଡ୍, ଅରବିନ୍ଦ ବଜାର, କଣ୍ଟାନାଳୀ ବାଇପାସ୍, ବନମାଳୀପ୍ରସାଦ, ଜେନାଦେଈ ବଜାର, ନିର୍ମାଲ୍ୟ ବଜାର ପ୍ରତିଷ୍ଠାନ ପକ୍ଷରୁ ଜାକଜମକରେ ପୂଜା ହେଉଛି । ମିନାବଜାର, କୈବଲ୍ୟ ବଜାର, ଗୁଡିଆନାଳୀ, ଗଣେଶ ବଜାର ଏବଂ ଲକ୍ଷ୍ମୀବଜାର ପକ୍ଷରୁ ଚାନ୍ଦିମେଢ଼ରେ ମା' ଦର୍ଶନ ଦେବେ ।

ଚଳିତବର୍ଷ ଲକ୍ଷ୍ମୀବଜାରର ପ୍ଲାଟିନମ୍ ଜୁବିଲି (୭୫ବର୍ଷ ପୂର୍ତ୍ତି) ଉପଲକ୍ଷେ ୧୦ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ସୋମବାର ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି କାଳିକାନଗର ପୂଜା ପ୍ରତିଷ୍ଠାନ ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ୫ଦିନ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ଏବଂ ମହିଷାପାଟସ୍ଥିତ ଅରବିନ୍ଦବଜାର ପୂଜା ପ୍ରତିଷ୍ଠାନର ୨୫ବର୍ଷ ପୂରଣ ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରୁଛି । ପରମ୍ପରା, ସାମାଜିକ ଓ ପୌରାଣିକ କଥାବସ୍ତୁକୁ ନେଇ ମଣ୍ଡପରେ ହୋଇଥିବା ସାଜସଜ୍ଜା ବେଶ୍ ଚିତ୍ତାକର୍ଷକ ହୋଇଛି ।


ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମରେ ଲକ୍ଷ୍ମୀପୂଜା ପାଇଁ ମା'ଙ୍କ ମୃଣ୍ମୟୀ ପ୍ରତିମାରେ ଜଣେ ଶିଳ୍ପୀ ଶେଷ ସ୍ପର୍ଶ ଦେଉଛନ୍ତି ।



ଗଣପର୍ବ ଲକ୍ଷ୍ମୀପୂଜା ପାଇଁ ଗଣେଶ ବଜାର (ବାମ) ଏବଂ ଲକ୍ଷ୍ମୀ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ।

## ସଂକ୍ଷେପରେ

### ଘରକୁ ଫେରିଲେ ମୁମ୍ବାଇରୁ ଉଦ୍ଧାର ନାବାଳିକା

**ଢେଙ୍କାନାଳ ଅଫିସ, ୮।୧୦:** ନିଖୋଜର ବର୍ଷେ ପରେ ମୁମ୍ବାଇରୁ ଉଦ୍ଧାର ହୋଇଥିବା ଢେଙ୍କାନାଳ ସଦର ଥାନା ଅଞ୍ଚଳର ଜଣେ ନାବାଳିକା ଶେଷରେ ତାଙ୍କ ପରିବାର ନିକଟକୁ ଫେରିଛନ୍ତି । ଜିଲା ପୋଲିସର ଏକ ଟିମ୍ ତାଙ୍କୁ ମୁମ୍ବାଇର କାମାତିପୁରା ଥାନା ଧିରାର ଅଞ୍ଚଳରୁ ଉଦ୍ଧାର କରି ଆଣିବା ପରେ ଶନିବାର ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା । ବୟାନ ରେକର୍ଡ କରାଯିବା ପରେ ପୋଲିସ ତାଙ୍କୁ ପରିବାର ସଦସ୍ୟଙ୍କ ଜିମା ଦେଇଛି । ସୂଚନାଯୋଗ୍ୟ, କଲେଜରେ ପାଠ ପଢୁଥିବା ବେଳେ ଚାକିରି ଦେବାକୁ ପ୍ରଲୋଭିତ କରି ସମ୍ପୃକ୍ତ ନାବାଳିକାଙ୍କୁ ଜଣେ ଯୁବକ ମୁମ୍ବାଇ ନେଇଯାଇଥିଲେ । ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ । ନାବାଳିକା ଜଣକ ସେଠାରେ ଜଣେ ବ୍ୟକ୍ତିଙ୍କ ଘରେ କେୟାର ଟେକର ଭାବେ କାମ କରୁଥିଲେ ।

### କୁକୁଡ଼ା ଫାର୍ମରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୮।୧୦:** ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅନ୍ତର୍ଗତ ନାଠୁଆ ଗ୍ରାମସ୍ଥିତ ଏକ କୁକୁଡ଼ା ଫାର୍ମରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଶନିବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି । ସେ ହେଲେ ନରେନ୍ଦ୍ର ନାୟକ (୪୪) । ମୃତ ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ । ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ତରଭା ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା । ଫାର୍ମ ମାଲିକ ସମ୍ପୃକ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ

**ରାସୋଳ, ୮।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ରାସୋଳ ଥାନା ମୁଣ୍ଡିଆସାହିର ଫଗୁଆ ବେହେରା (୨୦)ଙ୍କ ଝୁଲନ୍ତା ମୃତଦେହ ଉପରପାଳ ଆମ୍ବତୋଟାରୁ ଜବତ କରାଯାଇଛି । ରଘୁ ବେହେରାଙ୍କ ପୁଅ ଫଗୁଆ ଗତ ଶୁକ୍ରବାରଠାରୁ ନିଖୋଜ ଥିଲେ । ଶନିବାର ସକାଳେ କେତେଜଣ ସାହିବାସୀ ଗଛରେ ମୃତଦେହ ଝୁଲୁଥିବା ଦେଖି ଥାନାକୁ ସୂଚନା ଦେଇଥିଲେ । ହିନ୍ଦୋଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାରକୁ ହସ୍ତାନ୍ତର କରିଛି । କୌଣସି କାରଣରୁ ଫଗୁଆ ଆତ୍ମହତ୍ୟା କରିଥିବା ପୋଲିସ କହିଥିବାବେଳେ ଏହାର କାରଣ ଅସ୍ପଷ୍ଟ ରହିଛି ।

### ଜୀବନଜ୍ୟୋତି ଉତ୍ପାଦକ ସଂଘ ଗଠିତ

**କାମାକ୍ଷାନଗର, ୮।୧୦(ଡି.ଏନ୍.ଏ.):** କଙ୍କଡାହାଡ଼ ବ୍ଲକ କେରଜୁଳି ପଞ୍ଚାୟତ କଲଦା ଗ୍ରାମରେ ୯୨ ମହିଳାଙ୍କୁ ନେଇ ଜୀବନଜ୍ୟୋତି ଉତ୍ପାଦକ ସଂଘ ଗଠିତ ହୋଇଛି । ସର୍ବସମ୍ମତିକ୍ରମେ ସଭାନେତ୍ରୀ ଭାବେ ମମତା ମହାନ୍ତ, ଉପସଭାନେତ୍ରୀ ସବିତା ମୁଣ୍ଡା, ସମ୍ପାଦିକା ଭାରତୀ ଦେହୁରୀ, କୋଷାଧକ୍ଷା ଭାବେ ଗୋଲାପ ମହାନ୍ତ ନିର୍ବାଚିତ ହୋଇଛନ୍ତି । ଢେଙ୍କାନାଳ ଆଇସିଆଇସିଆଇ ଶାଖା ପକ୍ଷରୁ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯିବ । ସୁଲଭ ମୂଲ୍ୟରେ ବିହନ, କୀଟନାଶକ, ଜଳସେଚନ ନିମନ୍ତେ ପେଡାଲ ପମ୍ପ, ଜୈବିକ ଚାଷ ନିମନ୍ତେ ସରଞ୍ଜାମ ଯୋଗାଇ ଦିଆଯିବ ବୋଲି ଆଇସିଆଇସିଆଇର ପ୍ରକଳ୍ପ ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ସୂଚନା ଦେଇଛନ୍ତି । ବିଦ୍ୟାଧର ମହାନ୍ତ, ମଧୁସ୍ମିତା ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସାଇ ମନ୍ଦିରରେ ବିଜୟା ଦଶମୀ

**କାମାକ୍ଷାନଗର, ୮।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଶିରିଡ଼ି ସାଇ ମନ୍ଦିରରେ ମହାଆଡ଼ମ୍ବରରେ ପାଳିତ ହୋଇଛି ବିଜୟା ଦଶମୀ ଉତ୍ସବ । ଏହି ଉପଲକ୍ଷେ ସାଇନାଥଙ୍କ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା । ବିଶ୍ୱକଲ୍ୟାଣ କାମନା କରି ସ୍ୱତନ୍ତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସର୍ବଜିତ୍ ଜୀ, ବିପାଶା ଜୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶତାଧିକ ସାଇଆଶ୍ରିତ ପ୍ରସାଦ ସେବନରେ ସାମିଲ ହୋଇଥିଲେ ।

# ଅଧ୍ୟବସାୟ ଆଗରେ ହାରିଲା ଅନଟନ

## ଓସିଏସ୍ ପରୀକ୍ଷାରେ ମୁନାଙ୍କୁ ୭୩ତମ ର୍‌ୟାଙ୍କ୍

ପରଜଙ୍ଗ, ୮।୧୦(ଡି.ଏନ୍.ଏ.)

ବାପା ଦିନ ମଜୁରିଆ । ସାରା ଦିନ କଟେ ହାଡ଼ଭଙ୍ଗା ପରିଶ୍ରମରେ । ସଂସାର ରଥକୁ ଚଳାଇ ନେବାକୁ ମା'ଙ୍କର ଅବଦାନ ବି କମ୍ ନୁହେଁ । ରାତି ପାହିଲେ ସଫା କରନ୍ତି ଗାଁ ଲୋକଙ୍କ କୁଢ଼କୁଢ଼ ମଇଳା ଲୁଗାପଟା । ଅଭାବୀ ଜୀବନକୁ ଅମାପ କଷଣ । ହେଲେ ଦୁହିଁଙ୍କ ହାଡ଼ଭଙ୍ଗା ପରିଶ୍ରମର ମୂଲ୍ୟ ମିଳିଛି । ସଦ୍ୟ ପ୍ରକାଶିତ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍)-୨୦୨୦ ପରୀକ୍ଷାରେ ପୁଅ ପାଇଛନ୍ତି ୭୬ତମ ର୍‌ୟାଙ୍କ୍ । କଠିନ ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ଆଗରେ ଅଭାବ ଅନଟନ ପରାସ୍ତ ହୋଇଥିବାବେଳେ ଏ କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ କଟାବାହଳ ଗ୍ରାମର ମେଧାବୀ ଛାତ୍ର ମୁନା ସେଠୀ ।

ରବୀନ୍ଦ୍ର ସେଠୀ ଏବଂ ବାସନ୍ତୀ ସେଠୀଙ୍କ ସାନପୁଅ ହେଉଛନ୍ତି ମୁନା । ଗାଁ ସ୍କୁଲରୁ ପଞ୍ଚମ ଏବଂ ସରାଙ୍ଗ ନବୋଦୟ ବିଦ୍ୟାଳୟରୁ ଯୁକ୍ତ ୨ ପାସ୍ କରିଥିବା ଏହି ମେଧାବୀ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ କରିବାକୁ ପଡ଼ିଥିବା ବଡ଼ ସଂଘର୍ଷ । ସାଙ୍ଗସାଥୀଙ୍କଠାରୁ ଆର୍ଥିକ ସହାୟତା ପାଇ ରେଭେନ୍‌ଶାରୁ ବାଣିଜ୍ୟରେ ସ୍ନାତକ ପାସ୍ କରିଥିଲେ ସେ । ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜିରେ ନାମ ଲେଖାଇଥିଲେ । ତେବେ ସ୍ୱାସ୍ଥ୍ୟଗତ କାରଣରୁ ପରୀକ୍ଷା ଦେଇପାରି ନ ଥିଲେ । ଅନ୍ୟମାନଙ୍କଠାରୁ ଭିନ୍ନ କିଛି କରିଦେଖାଇବାକୁ ସେ ଆରମ୍ଭ କରିଥିଲେ ଓଡ଼ିଶା ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତି । ଏଥିସହ ପାଠପଢ଼ା ଖର୍ଚ୍ଚ ଉଠାଇବାକୁ ସେ ପିଲାମାନଙ୍କୁ ଟିଉସନ ମଧ୍ୟ କରୁଥିଲେ । ଏତେସବୁ ପରିଶ୍ରମ ଶେଷରେ ସାକାର ରୂପ ନେଇଛି । କଷ୍ଟକର ଜୀବନ ସଂଘର୍ଷରେ ମୁନାଙ୍କ ସଫଳତା ସବୁ ଗରିବ ପରିବାରର ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ପାଲଟିଛି । ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ସେ ଏହାର ଶ୍ରେୟ ନିଜର ମା'ବାପା ଏବଂ ବନ୍ଧୁମାନଙ୍କୁ ଦେଇଛନ୍ତି । ନିଜ ପ୍ରତିକ୍ରିୟାରେ ମୁନା କୁହନ୍ତି, ଏହା ତାଙ୍କର ୪ର୍ଥ ପ୍ରଚେଷ୍ଟା ଥିଲା । ବିନା କୋଚିଂରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ସଫଳତା ପାଇଥିବା କଥା ଭାବିଲେ ଖୁସି ଲାଗୁଛି । ବୃତ୍ତିଗତ କ୍ଷେତ୍ରରେ ପାଠପଢ଼ା ବେଳର ସଂଘର୍ଷମୟ ସମୟ, ଘଟଣା ଦୁର୍ଘଟଣା ସବୁବେଳେ ମନେପଡ଼ିବ । ଗରିବ ଅସହାୟଙ୍କ ସେବାରେ ନିଜକୁ ସମର୍ପଣ କରିବେ ବୋଲି ମୁନା କହିଛନ୍ତି ।


ମୁନା ସେଠୀ ।

## ଅମ୍ଳାନଙ୍କୁ ୧୫୪ ର୍‌ୟାଙ୍କ

ଢେଙ୍କାନାଳ ଅଫିସ, ୮।୧୦

ରାଜ୍ୟ ଅରଣ୍ୟ ଭବନରେ ସହକାରୀ ବନ ସଂରକ୍ଷକ ଭାବେ କାର୍ଯ୍ୟରତ ଅଜୟ କୁମାର ସାହୁଙ୍କ ପୁତ୍ର ଅମ୍ଳାନ କୁମାର ସାହୁ ଓସିଏସ୍ ପରୀକ୍ଷାରେ ୧୫୪ ର୍‌ୟାଙ୍କ ରଖିଛନ୍ତି । ଢେଙ୍କାନାଳ ମଣ୍ଟଫୋର୍ଟ ସ୍କୁଲର ଛାତ୍ର ଅମ୍ଳାନ ୨୦୧୩ରେ ଆ।ଇ ସି ଏ ସ୍ ସି ୧୦ମ ଶ୍ରେଣୀରେ ୯୩.୬% ନମ୍ବର ରଖିଥିଲେ । ସେହିପରି ଯୁକ୍ତ ୨ ବିଜ୍ଞାନରେ ମଦର ପବ୍ଲିକ ସ୍କୁଲରେ ୯୩% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏନ୍‌ଆଇଟି ରାଉରକେଲାରେ ସିଭିଲ ଇଞ୍ଜିନିୟରିଂରେ କୃତିତ୍ୱ ହାସଲ କରିଥିଲେ । ବାପା ଅଜୟ ଢେଙ୍କାନାଳ ସଦର ରେଞ୍ଜର ଭାବେ କାର୍ଯ୍ୟରତ ଥିବାବେଳେ ଢେଙ୍କାନାଳ ମହାବୀର ବଜାରରେ ରହୁଥିବା ମାମୁ ଜ୍ଞାନେନ୍ଦ୍ର ବେହେରା ଓ ଇନ୍ଦ୍ରମଣି ବେହେରାଙ୍କ ତତ୍ତ୍ୱାବଧାନରେ ସେ ପାଠ ପଢୁଥିଲେ । ତାଙ୍କ ପୈତୃକ ଘର କେନ୍ଦ୍ରାପଡ଼ା ଜିଲା ସୁଦର୍ଶନପୁର ଗ୍ରାମରେ ।



# ଜଗିବେ ୧୭ ପ୍ଲାଟୁନ ଫୋର୍ସ



ଢେଙ୍କାନାଳ ଅଫିସ, ୮।୧୦

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ମୋଟ ମୋଟ ୧୭ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି । ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.ଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି, ୭ ଡିଏସ୍‌ପି, ୧୫ ଇନ୍ସପେକ୍ଟର, ୭୫ ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି । ସେହିପରି ଆବଶ୍ୟକତା ଅନୁଯାୟୀ ହୋମ୍‌ଗାର୍ଡ, କନଷ୍ଟେବଲ, ଟ୍ରାଫିକ୍ ପୋଲିସ, ମହିଳା ପୋଲିସ ମଧ୍ୟ ମୁତୟନ ହେବେ ।

ସେହିପରି ସହରର ବିଭିନ୍ନ ସ୍ଥାନରେ ୧୯ଟି ଅସ୍ଥାୟୀ ଫାଣ୍ଡି କରାଯାଇଛି । ପ୍ରତି ଫାଣ୍ଡି ଦାୟିତ୍ୱରେ ଜଣେ ଇନ୍ସପେକ୍ଟର ରହିବେ । ଟ୍ରାଫିକ୍ ନିୟନ୍ତ୍ରଣ କଡ଼ାକଡ଼ି କରାଯାଇଥିବାବେଳେ ମଦ୍ୟପ ଧରପଗଡ଼, ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ପୂଜା ଅବ୍ୟବହିତ ପୂର୍ବରୁ ଶନିବାର ଅପରାହ୍ନ ୫ଟାରୁ ସ୍ଥାନୀୟ କୈବଲ୍ୟ ବଜାରରୁ ବାଜିଚୌକ ପର୍ଯ୍ୟନ୍ତ ସଶସ୍ତ୍ର ପୋଲିସ ବାହିନୀ ଫ୍ଲାଗ୍‌ମାର୍ଚ୍ଚ କରିଛି । ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା, ରିଜର୍ଭ ଇନ୍ସପେକ୍ଟର କବିରଞ୍ଜନ ସେଠୀ, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା, ମିଳିତ ବଜାର କମିଟି, ଶାନ୍ତି କମିଟି ଏବଂ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି ଏସ୍‌ପି ।

# ମେଳାରେ ହେବ ମଉଜ

ଢେଙ୍କାନାଳ ଅଫିସ, ୮।୧୦

- ପଲ୍ଲିଶ୍ରୀ ମେଳାରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ
- ୩୦୦ ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ହସ୍ତକଳା ସାମଗ୍ରୀ
- ପ୍ରଥମ କରି ୨ ପୂଜା ଅନୁଷ୍ଠାନ ପକ୍ଷରୁ ବାଣିଜ୍ୟ ମେଳା

ଧରାବତରଣ କରିବେ ଧନର ଦେବୀ । ଏହାକୁ ନେଇ ଉତ୍ସବ ମୁଖର ହୋଇଉଠିଛି ଢେଙ୍କାନାଳ ସହର । ଦୀର୍ଘ ଦୁଇବର୍ଷର ପ୍ରତୀକ୍ଷା ପରେ ବଡ଼ଧରଣର ପୂଜା ଆୟୋଜନ କରାଯାଉଥିବାବେଳେ ଚଳିତବର୍ଷ ମହୋତ୍ସବର ଆକର୍ଷଣ ସାଜିବ ମେଳା । ଭଳିକି ଭଳି ହସ୍ତଶିଳ୍ପ ସାମଗ୍ରୀର ବିକ୍ରିବଟା, ସୁସ୍ୱାଦୁ ଖାଦ୍ୟର ମଜା ନେବାକୁ ଲୋକେ ଅପେକ୍ଷା କରିଛନ୍ତି । ମନୋରଞ୍ଜନ ପାଇଁ ପ୍ରତି ସନ୍ଧ୍ୟାରେ ପରିବେଷଣ କରାଯିବା ସାଂସ୍କୃତିକ କାର୍ଯ୍ୟକ୍ରମ । ମୋଟାମୋଟି କହିବାକୁ ଗଲେ ଏଥର ମେଳାରେ ମଉଜ ଲାଗି ସମସ୍ତ ବ୍ୟବସ୍ଥା ହୋଇଛି, ଯାହାକୁ ନେଇ ଉଭୟ ସହରବାସୀ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଦେଖିବାକୁ ମିଳିଛି ବିପୁଳ ଉତ୍କଣ୍ଠା ।

ଗଣପର୍ବ ଲକ୍ଷ୍ମୀପୂଜାରେ ଜିଲା ପ୍ରଶାସନ ପକ୍ଷରୁ ମହିଷାପାଟ ପଡ଼ିଆରେ ପଲ୍ଲିଶ୍ରୀ ମେଳାର ଆୟୋଜିତ ହୋଇଛି । ଏହାର ଅପରପାର୍ଶ୍ୱରେ ଜୁବିଲି ଟାଉନ୍-୧ ପ୍ରତିଷ୍ଠାନ ଆନୁକୂଲ୍ୟରେ ବୈଶାଖୀ ମେଳା ଏବଂ ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ଖେଳ ପଡ଼ିଆରେ ବାଣିଜ୍ୟିକ ମେଳାର ଆୟୋଜନ କରାଯାଇଛି । ପ୍ରଥମ କରି ୨ ପୂଜା ପ୍ରତିଷ୍ଠାନ ପକ୍ଷରୁ ଏଭଳି ବାଣିଜ୍ୟିକ ମେଳା କରାଯାଉଥିବାବେଳେ ଏହାକୁ ନେଇ ଚାଲିଛି ବ୍ୟାପକ ପ୍ରସ୍ତୁତି ।

ଆସନ୍ତା ୧୦ରୁ ୧୭ ତାରିଖ ଯାଏ ଆୟୋଜିତ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ୩୦୦ଟି ଷ୍ଟଲ୍ ବ୍ୟବସ୍ଥା ହୋଇଛି । ରାଜ୍ୟର ବିଭିନ୍ନ ଜିଲାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା, ହସ୍ତଶିଳ୍ପ ସାମଗ୍ରୀ ଏବଂ ଏସ୍‌ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ଭଳିକିଭଳି ଉପକରଣ ଏଠାରେ ପ୍ରଦର୍ଶିତ ହେବ । ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଆର' ଓ 'ରାଧା' ପକ୍ଷରୁ ୬୦ ଷ୍ଟଲ୍‌ରେ ବିଭିନ୍ନ ଜିଲାର ହସ୍ତଶିଳ୍ପ ପ୍ରଦର୍ଶନ ହେବ । ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ଚଳଚ୍ଚିତ୍ର ତାରକା ଦର୍ଶକଙ୍କ ମନୋରଞ୍ଜନ କରିବେ । ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବୈଶାଖୀ ମେଳାରେ ୧୩୦ ଷ୍ଟଲ୍ ଖୋଲିବାକୁ ଥିବାବେଳେ ଏଥିରେ ପ୍ରଦର୍ଶିତ ହେବ ହସ୍ତଶିଳ୍ପ ଓ ଅନ୍ୟାନ୍ୟ ସାମଗ୍ରୀ । ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ମେଳାର ମୁଖ୍ୟ ଅକର୍ଷଣ ସାଜିବ ଭଳିକି ଭଳି ଦୋଳି ଏବଂ ମିନାବଜାର । ସେହିପରି ଷ୍ଟଲ୍‌ରେ ଗ୍ରାମୀଣ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେବ । ଢେଙ୍କାନାଳ ବରା ସମେତ ବିଭିନ୍ନ ଜିଲାର ପ୍ରସିଦ୍ଧ ଖାଦ୍ୟ ସାମଗ୍ରୀ ବିକ୍ରିବଟା ଲାଗି ସବୁଠି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ମେଳା ପଡ଼ିଆରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ପୋଲିସ ମୁତୟନ କରାଯାଇଛି ।


ମହିଷାପାଟ ପଡ଼ିଆରେ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଆଗେଇ ଚାଲିଛି ।

### ପ୍ରବଳ ଭିଡ଼ ହେବା ସମ୍ଭାବନା



ଜୁବିଲି ଟାଉନ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ବୈଶାଖୀ ମେଳାର ଆୟୋଜନ କରାଯାଇଛି । ଏଥିରେ ୧୩୦ ଷ୍ଟଲ୍ ଖୋଲିବ । ଦୈନିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ । ପାଗ ଅନୁକୂଳ ରହିଲେ ମେଳାରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି ।

**-ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜୁବିଲିଟାଉନ-୧ ପୂଜା ପ୍ରତିଷ୍ଠାନ ସଭାପତି**

### ସୁସ୍ୱାଦୁ ଖାଦ୍ୟ ସାଜିବ ମୁଖ୍ୟ ଆକର୍ଷଣ



ଗୁଡିଆନାଳୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ନିକଟବର୍ତ୍ତୀ ଖେଳପଡ଼ିଆରେ ମିନାବଜାର ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ବ୍ୟବସ୍ଥା କରାଯାଇଛି । ଲୋକମାନେ ଦୋଳି ଖେଳିବା ସହିତ ବିଭିନ୍ନ ସାମଗ୍ରୀ କିଣିବେ । ସୁସ୍ୱାଦୁ ଖାଦ୍ୟ ମୁଖ୍ୟ ଆକର୍ଷଣ ସାଜିବ ।

**-ସଞ୍ଜୀବ ଶତପଥୀ, ଗୁଡିଆନାଳୀ ପୂଜା କମିଟି ସମ୍ପାଦକ**

# ଆକର୍ଷଣ ସାଜିବ ରୁପା ଅଳଙ୍କାର

- ଖଣ୍ଡହତା, ପିପଳବାହାଳରେ ଚାଲିଛି ସାଜସଜ୍ଜା
- ଏଥର ପ୍ରସ୍ତୁତ ହୋଇଛି ୮ ଲକ୍ଷ ଟଙ୍କାର ବଜେଟ୍
- ଜାକଜମକରେ ହେବ ଭସାଣି ଶୋଭାଯାତ୍ରା

ବଇଣ୍ଡା, ୮।୧୦ (ଡି.ଏନ.ଏ.)



ମଣ୍ଡପରେ ବିରାଜିବେ ମହାଲକ୍ଷ୍ମୀ। ସେଥିପାଇଁ ସଜେଇ ହେଉଛି କିଶୋରନଗର ବ୍ଲକ ଧଉରାପାଲି ପଞ୍ଚାୟତର ଖଣ୍ଡହତା ଓ ପିପଳବାହାଳ ଗ୍ରାମ। ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏଥର ୮ ଲକ୍ଷ ଟଙ୍କା ବ୍ୟୟ କରାଯିବ। ବିଶେଷକରି ମେଢ଼, ତୋରଣ ଓ ଆଲୋକ ସାଜସଜ୍ଜା ବାବଦରେ ଏହା ଖର୍ଚ୍ଚ କରାଯିବାକୁ ଥିବାରୁ ପୂଜା ବେଶ୍ ଆକର୍ଷଣୀୟ ହେବ। ତେବେ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ମା'ଙ୍କ ରୁପା ଅଳଙ୍କାର। ଏହାଛଡ଼ା ୫ ଦିନ ପର୍ଯ୍ୟନ୍ତ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ନ ପ୍ରସାଦ ବଣ୍ଟନ ଓ ଯାତ୍ରା, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜା ମଉଜକୁ ଅଧିକ ରଙ୍ଗିନ କରିଦେବ। ଭସାଣିକୁ ମଧ୍ୟ ଆଡ଼ମ୍ବରରେ କରାଯିବ।

କମିଟି ପକ୍ଷରୁ କୁହାଯାଇଛି, ୧୯୬୨ ମସିହାରେ ଖଣ୍ଡହତା ଗ୍ରାମର ଶ୍ୟାମଲାଲ କଟାରୁକା ପ୍ରଥମେ ଏହି ପୂଜା ଗ୍ରାମରେ ଆରମ୍ଭ କରିଥିଲେ। ମାନସିକ ଥିବାରୁ ୧୨ ବର୍ଷ ଧରି ଏକାକୀ ପୂଜା କରିବା ପରେ ଆଉ ପୂଜା କରି ନ ଥିଲେ। ଫଳରେ ୨ ବର୍ଷ ପୂଜା ବନ୍ଦ ରହିଥିଲା। ଏହାପରେ ଖଣ୍ଡହତା ଓ ପିପଳବାହାଳ ଗ୍ରାମବାସୀ ଏକଜୁଟ ହୋଇ ୧୯୭୬ ମସିହାରୁ ଏହି ପୂଜା ପାଳନ କରିଆସୁଛନ୍ତି। ଖଣ୍ଡହତା ଗ୍ରାମର ସୌଦାଗର ପ୍ରଧାନ, ହୃଷୀକେଶ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ବୃଷବ ପ୍ରଧାନ, ପିପଳବାହାଳ ଗ୍ରାମର ଲମ୍ବୋଦର ପ୍ରଧାନ, ଭଗବାନ ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ମା' ଲକ୍ଷ୍ମୀଙ୍କ ଆରାଧନା କରୁଥିଲେ। ପରେ ଉଭୟ ଗ୍ରାମର ଯୁବ ପିଢିଙ୍କୁ ନେଇ ଲକ୍ଷ୍ମୀପୂଜା କମିଟି ଗଠନ କରାଯାଇ ଧୁମ୍‌ଧାମରେ ପୂଜା କରାଯାଉଛି। ୧୨ ଟଙ୍କାରୁ ଆରମ୍ଭ ହୋଇଥିବା ମା'ଙ୍କ ପୂଜା ଆୟୋଜନ ଚଳିତବର୍ଷ ୮ ଲକ୍ଷ ଟଙ୍କା ବଜେଟ୍‌ରେ ପହଞ୍ଚିଛି। ବଇଣ୍ଡା ଅଞ୍ଚଳର ମୂର୍ତ୍ତି କାରିଗର କାଳିଆ ସାହୁ ୭ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରୁଛନ୍ତି। ମେଢ଼ର ଉଚ୍ଚତା ୧୪ ଫୁଟ ରଖାଯାଇଛି। ବିଶେଷକରି ମା'ଙ୍କ ମୁକୁଟ ସହ ସମସ୍ତ ଅଳଙ୍କାର ରୁପାରେ ତିଆରି କରାଯାଇଛି। ପ୍ରଥମକରି ଚଳିତବର୍ଷ ଆଞ୍ଜା ଲଡୁ ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରା ସହ ଗୋଟିଏ ଦିନ ମେଲୋଡି କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନ ବ୍ୟବସ୍ଥା ରଖାଯାଇଛି। ଦୈନିକ ୧ ହଜାର ଲୋକଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯିବ। ୫ ଦିନ ଧରି ପ୍ରସାଦ ବଣ୍ଟନ କରାଯିବ। ପ୍ରତିବର୍ଷ ପରି ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହେବ। ସେହିପରି ଭସାଣି ଉତ୍ସବ ଅତି ଆଡ଼ମ୍ବରରେ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

> ରୁପା ଅଳଙ୍କାରରେ ଝଟକିବେ ମା'। ଚକିତ କରିଦେବ ମେଢ଼ କାରିଗରଙ୍କ କାରୁକାର୍ଯ୍ୟ। ମନଲୋଭା ତୋରଣ, ମନୋରଞ୍ଜନ କାର୍ଯ୍ୟକ୍ରମ ମନମୋହିବ ଶ୍ରଦ୍ଧାଳୁଙ୍କୁ। ପ୍ରଥମ ଥର ପାଇଁ କରାଯିବ ଆଞ୍ଜାଲଡୁ ନିଲାମ।

### ଏଥର ଆକର୍ଷଣୀୟ ପୂଜା



କରୋନା ପାଇଁ ଗତ ୨ ବର୍ଷ ଧରି ଅଞ୍ଚଳବାସୀ ପୂଜା ଉତ୍ସବରୁ ବଞ୍ଚିତ ରହିଥିଲେ। ତେଣୁ ଚଳିତବର୍ଷ କିଭଳି ମା' ଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ କରାଯିବ ସେଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାରୁ ଏଥର ପୂଜା ଆକର୍ଷଣୀୟ ହେବ।

-ପ୍ରଦୀପ ପ୍ରଧାନ, ପୂଜା କମିଟି ସଭାପତି

### ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବ



ମା'ଙ୍କ ମୂର୍ତ୍ତିରେ ରୁପା ଅଳଙ୍କାର ଲାଗି ହେବ। ରାତିରେ ରଙ୍ଗିନ ଆଲୋକରେ ଏହା ଆହୁରି ଝଲସି ଉଠିବ। ଏହାଛଡ଼ା ଦୈନିକ ୧ ହଜାର ଲୋକଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯିବାକୁ ଥିବାରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବ।

-ସୁଧାସାଗର ପ୍ରଧାନ, ପୂଜା କମିଟି ସମ୍ପାଦକ

### ରକ୍ତଦାନ ଶିବିର ଆୟୋଜନ ହେବ



ଲକ୍ଷ୍ମୀ ପୂଜା ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏଥିରେ ରକ୍ତ ସଂଗ୍ରହ ସହ ରକ୍ତ ଦାନ କରି କିପରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରୁଛି ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯିବ।

-ଲକ୍ଷ୍ମଣ କୁମାର ସାହୁ, ପୂଜା କମିଟି ପରାମର୍ଶଦାତା

### ମନ ଜିଣିବ ସାଂସ୍କୃତିକ କାର୍ଯ୍ୟକ୍ରମ



ଗ୍ରାମବାସୀ ଓ କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ଅର୍ଥରେ ପୂଜା ଧୁମ୍‌ଧାମରେ ପାଳନ କରାଯିବ। ଚଳିତବର୍ଷ ଲୋକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ୨ ଦିନ ଅପେରା ସହ ଗୋଟିଏ ଦିନ ମେଲୋଡି ପରିବେଷଣ ହେବ।

-ଅଖିଳ ପ୍ରଧାନ, କମିଟି ସଦସ୍ୟ

### ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି



ପାର୍ବଣ ଋତୁ ପାଇଁ ପାଟ୍ରୋଲିଂକୁ କଡାକଡ଼ି କରାଯାଇଛି। ଖଣ୍ଡହତାଠାରେ ପାଳନ ହେବାକୁ ଥିବା ଲକ୍ଷ୍ମୀପୂଜାରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବ। ଶାନ୍ତି ଶୃଙ୍ଖଳାରେ କିଭଳି ପୂଜା ହେବ ସେ ନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ।

-ଲବ ବୋଡା, ଆଇଆଇସି କିଶୋରନଗର ଥାନା

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

dklselfie@gmail.com



@ ସୁଧୀର



@ ଶ୍ରୀତମ



@ ଭୀମସେନ



@ ଗୋପବନ୍ଧୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜନଶୁଣାଣି କାର୍ଯ୍ୟକ୍ରମ ଦିନ ଧାର୍ଯ୍ୟ

ଅନୁଗୋଳ ଅଫିସ, ୮।୧୦-ଅନୁଗୋଳ ଜିଲାରେ ଅକ୍ଟୋବର ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ତାରିଖ ଧାର୍ଯ୍ୟ ହୋଇଛି। ଅକ୍ଟୋବର ୧୦ରେ କିଶୋରନଗର ବ୍ଲକ କାର୍ଯ୍ୟାଳୟ, ୧୭ରେ ଜିଲା କାର୍ଯ୍ୟାଳୟ, ୨୫ରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ ଏବଂ ୩୧ରେ ଜିଲା କାର୍ଯ୍ୟାଳୟଠାରେ ଶିବିର ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ବୁଝିବେ। ସମାଧାନ ଲାଗି ପଦକ୍ଷେପ ନେବେ। ଏହାର ସୁଯୋଗ ନେବାକୁ ଜିଲା ପ୍ରଶାସନ ତରଫରୁ ନିବେଦନ କରାଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଇଣ୍ଡା,୮।୧୦(ଡି.ଏନ.ଏ.)-କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ କଦଳୀମୁଣ୍ଡା ଗ୍ରାମର ଧର୍ମପ୍ରାଣା ମହିଳା ରାଧାରାଣୀ ବେହେରାଙ୍କ ଶୁକ୍ରବାର ସନ୍ଧ୍ୟାରେ କଟକ ବଡ଼ ମେଡିକାଲରେ ପରଲୋକ ହୋଇଯାଇଛି।



ସେ କିଛିଦିନ ହେବ ଅସୁସ୍ଥ ଥିଲେ। ସେ ଜଣେ ମେଳାପୀ ସ୍ୱଭାବର ମହିଳା ହୋଇଥିବାବେଳେ ତାଙ୍କର ଦେହାନ୍ତକୁ ନେଇ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସରପଞ୍ଚ ଦୀପ୍ତିମୟୀ ସାହୁ, ନାଏବ ସରପଞ୍ଚ ସୁମନ୍ତ ବେହେରା, ସମିତିସଭ୍ୟା ମାନସୀ ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ୨୯ ମଣ୍ଡପରେ ପୂଜା ପାଇବେ ଧନଦାତ୍ରୀ



ପ୍ରସିଦ୍ଧ ମହାଲକ୍ଷ୍ମୀ ପୂଜା ଅବ୍ୟବହିତ ପୂର୍ବରୁ ଶନିବାର ଅନୁଗୋଳ ସହରର ଏକ ପୂଜା ମଣ୍ଡପରେ ମା'ଙ୍କ ବିଗ୍ରହରେ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର।

ଅନୁଗୋଳ ଅଫିସ, ୮।୧୦

ଅନୁଗୋଳ ସହରର ୨୯ ମଣ୍ଡପରେ ପୂଜା ପାଇବେ ଧନଦାତ୍ରୀ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ସହର। ମା'ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ଏହି ପୂଜା ଆସନ୍ତା ୧୮ ତାରିଖ ଯାଏଁ ଚାଲିବ। ୧୯ରେ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

## ଆଜି ରାଜ୍ୟପାଳଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ ଅଫିସ,୮।୧୦

ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ରବିବାର ଅନୁଗୋଳ କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ସର୍କିଟ ହାଉସରେ ପହଞ୍ଚିବେ। ସେଠାରେ ତାଙ୍କୁ ଅନୁଗୋଳ ଜିଲାପାଳ, ଏସ୍‌ପିଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ସ୍ୱାଗତ କରିବେ। ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟାରେ ରାଜ୍ୟପାଳ ନାଲ୍‌କୋ ଷ୍ଟାଡିୟମ ଅଭିମୁଖେ ଯାତ୍ରା କରିବେ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିବେ। ଏହାପରେ ରାଜ୍ୟପାଳ ନିଜ ଅଭିଭାଷଣ ରଖିବେ। କାର୍ଯ୍ୟକ୍ରମ ପରେ ସର୍କିଟ ହାଉସରେ ପହଞ୍ଚି ବିଶ୍ରାମ ନେବେ। ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି।

## ଗୌରବ ବଢ଼ାଇଲେ ଅମରେଶ, ତୃପ୍ତିମୟୀ

ବଇଣ୍ଡା(ଡି.ଏନ.ଏ.) /ତାଳଚେର(ନି.ପ୍ର.)୮।୧୦



ଅମରେଶ



ତୃପ୍ତିମୟୀ

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷା-୨୦୨୦ ଫଳାଫଳ ଶନିବାର ପ୍ରକାଶ ପାଇଛି। କିଶୋରନଗର ବ୍ଲକ ଧଉରାପାଲି ଗ୍ରାମର ଅମରେଶ ପ୍ରଧାନ ୨୨୧ ର୍‍ୟାଙ୍କ ପାଇଛନ୍ତି। ୨୦୦୯ରେ କିଶୋରନଗର ହାଇସ୍କୁଲରୁ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ ଅମରେଶ। ପରେ ବିଜେବି କଲେଜରେ ଯୁକ୍ତ ୨ ଓ ସ୍ନାତକ ଶିକ୍ଷା ଶେଷ କରି ଓୟୁଏଟିରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ଅମରେଶଙ୍କ ବାପା ପ୍ରତାପ କୁମାର ପ୍ରଧାନ କିଶୋରନଗର ହାଇସ୍କୁଲରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବାବେଳେ ମା' ଜଣେ ଗୃହିଣୀ। କଠିନ ପରିଶ୍ରମ, ସମସ୍ତଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ମିଳିଥିବା ଅମରେଶ କହିଛନ୍ତି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରବୋଧ ବେହେରା, ଭାଜପା ନେତା ଭାଗୀରଥି ପ୍ରଧାନ, କିଶୋରନଗର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେହିପରି ତାଳଚେର ପୌରାଞ୍ଚଳ ହାଣ୍ଡିଧୁଆ ଅଞ୍ଚଳର ସ୍ୱର୍ଗତ ଅଚଳ ପ୍ରଧାନଙ୍କ ଝିଅ ତୃପ୍ତିମୟୀ ପ୍ରଧାନ ମଧ୍ୟ ଓସିଏସ୍ ପରୀକ୍ଷାରେ ୪୪ତମ ର୍‍ୟାଙ୍କ ହାସଲ କରିଛନ୍ତି। ସେ କଟକ ଏସ୍‌ସିବି ମେଡିକାଲ କଲେଜରୁ ବିଡିଏସରେ ଉତ୍ତୀର୍ଣ୍ଣ ହୋଇ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। କଳମଚୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ପ୍ରାଥମିକ ଶିକ୍ଷା ସମ୍ପନ୍ନ ପରେ ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ଲାଭ କରିଥିଲେ। ସେ ତାଙ୍କ ସଫଳତାର ଶ୍ରେୟ ପରିବାର ସଦସ୍ୟ, ଶିକ୍ଷୟିତ୍ରୀ ଓ ଗୁରୁଜନଙ୍କୁ ଦେଇଛନ୍ତି।

## ଆଜି ମା' ବ୍ରହ୍ମାୟାଣୀଙ୍କ ବାର୍ଷିକ ଯାତ୍ରା

ବଁଅରପାଳ,୮।୧୦(ଡି.ଏନ.ଏ.)-ବଁଅରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରହ୍ମାୟାଣୀ ଦେବୀଙ୍କ ବାର୍ଷିକ ଯାତ୍ରା ୯ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ୨ ଦିନ ଧରି ପାଳିନ ହେବ। ଯାତ୍ରା ପାଇଁ ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇପଡିଛି। ଗ୍ରାମରେ ଆଲୋକ ସଜ୍ଜା ସହିତ ଅପେରା ଓ ବିଭିନ୍ନ ଦୋକାନ ବଜାର ପଡିଛି। ଯାତ୍ରାଦିନ ଅପରାହ୍ନରେ ଗ୍ରାମର ଦିଅଁ ଘରୁ ବିଭିନ୍ନ ବାଦ୍ୟ ବାଜଣା ସହକାରେ ଦେବୀଙ୍କ ଆଲମକୁ ଯାତ୍ରା ମଣ୍ଡପକୁ ଅଣାଯିବ। ଯାତ୍ରାରେ ମିନାବଜାର, ଖାଦ୍ୟ ଷ୍ଟଲ୍, ଦୋଳି ପଡିବାର କାର୍ଯ୍ୟକ୍ରମ ରହିଛି। ୨ ଦିନ ଧରି ଏହି ଯାତ୍ରା ପାଳିତ ହେବ। ଗ୍ରାମ ସଭାପତି ତଥା ବିଧାୟକ ରଜନୀକାନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଯାତ୍ରା ପାଳିତ ହେଉଛି। ମଣ୍ଟୁ ବରାହ, ଗିରିଶ ବିଶ୍ୱାଳ, ଉପେନ୍ଦ୍ର ସାମଲ, ସୁବାସ ପଟ୍ଟନାୟକ, ଭରତ ମାଝି, ରାମଚନ୍ଦ୍ର ମାଝି ପ୍ରମୁଖ ପରିଚାଳନା କରୁଛନ୍ତି।

# ଥମୁନି ହାତୀ ଉପଦ୍ରବ

## ଡିଏଫଓ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି

ବଇଣ୍ଡା, ୮।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ ଅଧୀନସ୍ଥ ଗ୍ରାମଗୁଡିକରେ ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବାରୁ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ପ୍ରତିବାଦରେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ଚେତାବନୀ ଦେଇଛି 'ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି'। ଏ ସଂକ୍ରାନ୍ତରେ କମିଟି ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଜଏରାଟ ଗ୍ରାମରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ରମଣିରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ବାବାଜୀ ଚରଣ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, ସୁରୁଚି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ବହୁ ଚାଷୀ ଯୋଗଦେଇ ହାତୀ ଉପଦ୍ରବକୁ ନେଇ ଉଦ୍‌ବେଗ୍ ବ୍ୟକ୍ତ କରିଥିଲେ।



ବୈଠକରେ ଉପସ୍ଥିତ କମିଟିର କର୍ମକର୍ତ୍ତାମାନେ।

ଅଭିଯୋଗ ଅନୁଯାୟୀ, ବାମୁର ରେଞ୍ଜ ଅଧୀନରେ ୫ଟି ପଞ୍ଚାୟତରେ କିଛି ମାସ ହେବ ହାତୀପଲ ଆତଙ୍କ ସୃଷ୍ଟି କରିଛନ୍ତି। ରେଢ଼ାଖୋଲ ରେଞ୍ଜ୍‌ରୁ ଚାଲି ଆସିଥିବା ୧୭ରୁ ଊର୍ଦ୍ଧ୍ୱ ହାତୀ ନିକଟ ଜଙ୍ଗଲରେ ଦିନସାରା ଡେରା ପକାଉଥିବା ବେଳେ ରାତି ହେଲେ ଗ୍ରାମାଭିମୁଖୀ ହୋଇ ଫସଲ ନଷ୍ଟ କରୁଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ଚିହ୍ନଟ କରୁନାହିଁ। ହାତୀ ଆତଙ୍କ ଏବଂ ଅନ୍ୟ ଦାବିନେଇ କିଛିଦିନ ତଳେ ବାମୁର ରେଞ୍ଜ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏହାର ସମାଧାନ ହେଉନାହିଁ। ଏହାର ପ୍ରତିବାଦରେ ଡିଏଫଓ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ଏ ନେଇ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର କହିଛନ୍ତି, ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ହାତୀ ଘଉଡାଉଛୁ। ଆମକୁ ସାଧାରଣ ଲୋକମାନେ ସହଯୋଗ କରୁନାହାନ୍ତି। ସେମାନଙ୍କ ସହଯୋଗ ନିହାତି ଆବଶ୍ୟକ। କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବ।

## ବନ କର୍ମଚାରୀ ଅଟକ

ଅନୁଗୋଳ ଅଫିସ, ୮।୧୦

ଅନୁଗୋଳ ପଣ୍ଡପୁର ଗ୍ରାମରେ ଶନିବାର ହାତୀପଲ ବ୍ୟାପକ ଧାନଚାଷ ନଷ୍ଟ କରିଛନ୍ତି। ସେମାନଙ୍କ ଉପଦ୍ରବରେ ପ୍ରାୟ ୭୦ ଏକର ଫସଲ ଉଜୁଡ଼ି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଅନୁଗୋଳ ରେଞ୍ଜ୍‌ରେ ମୁତୟନ ୨ଟି ଗାଡ଼ି ଓ ବନ୍ତଳା ରେଞ୍ଜରେ ନିୟୋଜିତ ଗୋଟିଏ ଗାଡି ସହ କର୍ମଚାରୀଙ୍କୁ ଅଟକ ରଖିଥିଲେ। ପଦସ୍ଥ ଅଧିକାରୀମାନେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅଟକ କର୍ମଚାରୀ ଛାଡ଼ ପାଇଥିଲେ।

## ଯୁବକଙ୍କୁ କଚାଡ଼ିଦେଲା ଦନ୍ତା

କଣିହାଁ, ୮।୧୦(ଡି.ଏନ.ଏ.)

କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମର କୃଷ୍ଣ ମହାନ୍ତି (୫୬) ଶନିବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବନବିଭାଗ ସୂତ୍ରରୁ ପ୍ରକାଶ, କଣିହାଁ ବନାଞ୍ଚଳର ରେଙ୍ଗାଳି, ହନୁମାନପୁର ଫରେଷ୍ଟ ସେକ୍ସନରେ ୧୬ଟି ହାତୀ ଡେରା ପକାଇଛନ୍ତି। ଶୁକ୍ରବାର ୯ଟି ହାତୀ ବ୍ରାହ୍ମଣୀ ନଦୀ ପାର ହୋଇ ଭାଲିଆବେଡା ନିକଟ କେନ୍ଦୁଗୋଠ ସଂରକ୍ଷିତ ଜଙ୍ଗଲକୁ ପଳାଇଥିଲେ। ଅନ୍ୟ ୭ ହାତୀ ନଦୀପାର ହୋଇ ପାରି ଶନିବାର ଭୋର୍ ସମୟରରେ ଫୁଲଝରି ସଂରକ୍ଷିତ ଜଙ୍ଗଲକୁ ଫେରୁଥିଲେ। ଏହି ସମୟରେ କୃଷ୍ଣ ଧାନବିଲକୁ ଯାଉଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ସମିତିସଭ୍ୟ ସୀମାଞ୍ଚଳ ପଣ୍ଡାଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଆତଙ୍କ ସୃଷ୍ଟି କରିଥିବା ଉକ୍ତ ହାତୀପଲକୁ ଘଉଡ଼ାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ କହିଛନ୍ତି, ହାତୀପଲକୁ ଘଉଡାଇବା ପାଇଁ ଉଦ୍ୟମ ଚାଲିଛି। ଗୁରୁତରଙ୍କ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ। ବିଜୁ ସ୍ୱାସ୍ଥ୍ୟକାର୍ଡରେ ଗୁରୁତରଙ୍କୁ ଯେପରି ଚିକିତ୍ସା ମିଳିପାରିବ, ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।



ଗୁରୁତର କୃଷ୍ଣ ମହାନ୍ତି।

